# <u>ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା</u>

## <u>ଦାବୀ ପ୍ରକ୍ରିୟା</u>

ଏହି ଯୋଜନାଟି ନିର୍ବାଚିତ ପରିଭାଷିତ ଅଞ୍ଚଳରେ ଏରିଆ ଆପ୍ରୋଚ ନୀତିରେ କାର୍ଯ୍ୟ କରେ ଯାହାକୁ ସଂପୃକ୍ତ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର ଫସଲ ବୀମା ଉପରେ ରାଜ୍ୟ ସ୍ତରୀୟ ସମନ୍ୱୟ କମିଟିରେ ନିଆ ଯାଇଥିବା ନିଷ୍ପତ୍ତି ଅନୁସାରେ ବୀମା ୟୁନିଟ୍ (ଆଇୟୁ), ଫସଲ ଆଧାର ଓ ପରିଭାଷିତ କ୍ଷେତ୍ର କୁହାଯାଏ। ଏହି ୟୁନିଟ୍ ଗ୍ରାମ/ ଗ୍ରାମ ପଞ୍ଚାୟତ କିମ୍ବା ପ୍ରମୁଖ ଫସଲ ପାଇଁ ଅନ୍ୟ କୌଣସି ସମାନ ୟୁନିଟ୍ ପାଇଁ ପ୍ରଯୁଜ୍ୟ ବୀମା ୟୁନିଟ୍ ଭାବରେ ସୂଚୀତ କରାଯାଇଛି। ଅନ୍ୟ ସମସ୍ତ ଫସଲ ପାଇଁ ଏହା ଗ୍ରାମ / ଗ୍ରାମ ପଞ୍ଚାୟତ ସ୍ତର ଠାରୁ ଉର୍ଦ୍ଧରେ ଏକ ୟୁନିଟର ସାଇଜ୍ ଆକାରରେ ହୋଇପାରେ।

**ମୁଖ୍ୟ ଦାବୀ ଗୁଡ଼ିକ ପାଇଁ ଦେୟ ପ୍ରଦାନ କରାଯିବ ଓ ଏହା ଏରିଆ ଆପ୍ରୋଚ ଆଧାରରେ ନିୟମଲିଖିତ ବିଷୟ ଗୁଡ଼ିକ ଅନୁସାରେ କାର୍ଯ୍ୟକାରୀ ହେବ:**

- ବିଜ୍ଞାପିତ ବୀମା ୟୁନିଟ୍ କ୍ଷେତ୍ର ସ୍ତରରେ ରାଜ୍ୟକୁ ଆବଶ୍ୟକ ସଂଖ୍ୟକ କ୍ରପ୍ କଟିଂ ଏକ୍ସପେରିମେଣ୍ଟସ (ସିସିଇ) ରଖିବାକୁ ହେବ।
- ସଂପୃକ୍ତ ବିଜ୍ଞପ୍ତି ବୀମା ୟୁନିଟ୍ କ୍ଷେତ୍ରରେ ଦେୟ ଆଧାରରେ ହିସାବ କରିବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବୀମା କମ୍ପାନୀକୁ ସିସିଇ ଆଧାରିତ ଅମଳ ତଥ୍ୟ ଦାଖଲ କରାଯିବ।

**ଫସଲର ନିମ୍ନଲିଖିତ ପର୍ଯ୍ୟାୟ ଏବଂ ଫସଲ ନଷ୍ଟ ହେବା ଆଶଙ୍କା ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ।**

**କ. ବୁଣିବା/ ରୋପଣ ଆପଦ ପ୍ରତିକାର :** ଏକ ବିଜ୍ଞାପିତ ଅଞ୍ଚଳରେ ବୀମାଭୁକ୍ତ ଫସଲ ବୁଣିବା / ରୋପଣକୁ ବିପରୀତ ଜଳବାୟୁ ଅବସ୍ଥା ଯଥା ବର୍ଷା ଅଭାବ କିମ୍ବା ପ୍ରତିକୂଳ ଋତୁକାଳୀନ ଅବସ୍ଥାର ପ୍ରତିକାର ପାଇଁ ବୀମାଭୁକ୍ତ ଫସଲ କ୍ଷତିପୂରଣ ଦାବୀ ପାଇଁ ଯୋଗ୍ୟ ହେବ ଯାହାର କ୍ଷତିପୁରଣ ସର୍ବାଧିକ ବୀମା ରାଶିର 25% ପର୍ଯ୍ୟନ୍ତ ପ୍ରଦାନ କରାଯିବ ଓ ଏହାପରେ ପଲିସିଟିକୁ ବନ୍ଦ କରି ଦିଆଯିବ।

1. ଏହା କୃଷକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯଦି ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ବିଜ୍ଞାପିତ କ୍ଷେତ୍ରରେ ବୁଣା ଯାଇଥିବା 75% ରୁ ଅଧିକ ଅଞ୍ଚଳରେ ଫସଲ ଉପରେ ପ୍ରଭାବ ପଡ଼ିଥିବ ଯେଉଁଥିରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବ କିମ୍ବା କୃଷକମାନେ ଫସଲକୁ ପୁଣି ଥରେ ବୁଣିବା କିମ୍ବା ରୋପଣ କରିବାକୁ ସକ୍ଷମ ହୋଇନଥିବେ (କିମ୍ବା) ବର୍ଷା ଭାବ ବା ଅତ୍ୟଧିକ ବୃଷ୍ଟିପାତ କାରଣରୁ ଚାଷୀମାନେ ଫସଲ ବୁଣି ପାରିନଥିବେ ବା ଫସଲ ଅଙ୍କୁରିତ ହେବାରେ ବାଧା ସୃଷ୍ଟି ହୋଇଥିବ।

2. ଯୋଗ୍ୟତା ମାନଦଣ୍ଡ :
   କେବଳ ସେହି କୃଷକ ଯେଉଁମାନେ ପ୍ରିମିୟମ ପ୍ରଦାନ କରିଛନ୍ତି /କ୍ଷୟକ୍ଷତି ପୂର୍ବରୁ ସେମାନଙ୍କ ଆକାଉଣ୍ଟରୁ ପ୍ରିମିୟମ ଡେବିଟ୍ ହୋଇଛି ସେମାନେ ଯୋଗ୍ୟ ହେବେ। ରାଜ୍ୟ ସରକାର ବିଜ୍ଞାପିତ ବୀମା ୟୁନିଟ୍ ଏବଂ ଫସଲ ଭିତ୍ତିକ ଦର୍ଶା ଯାଇଥିବା ସାଧାରଣ କ୍ଷେତ୍ରକୁ ଋତୁ ଆରମ୍ଭ ହେବାର 15 ଦିନ ମଧ୍ୟରେ ପ୍ରଦାନ କରିବେ।
   ଉପରୋକ୍ତ କୌଣସି ବିପଦ ହେତୁ ବିଜ୍ଞାପିତ ଫସଲ ପାଇଁ ଫସଲ ବୁଣା ଯାଇଥିବା ଅଞ୍ଚଳର 75% ରୁ ଅଧିକ ଦର୍ଶା ଯାଇନଥିଲେ ତାହାକୁ ସେଥିପାଇଁ ବୁଣିବା / ରୋପଣ ପ୍ରତିକାର ଦେୟ ପ୍ରଦାନ କରାଯାଇଥାଏ।

HDFC ERGO General Insurance Company Limited. IRDAI Reg. No.146. CIN: U66030MH2007PLC177117. Registered & Corporate Office: 1st Floor, HDFC House, 165-166 Backbay Reclamation, H. T. Parekh Marg, Churchgate, Mumbai – 400 020. For more details on the risk factors, terms and conditions, please read the sales brochure/ prospectus before concluding the sale. Trade Logo displayed above belongs to HDFC Ltd and ERGO International AG and used by the Company under license. UIN: CSC - Pradhan Mantri Fasal Bima Yojana - HDE-AG-P18-25-V01-17-18, Pradhan Mantri Fasal Bima Yojana- IRDAN125P0003V01201617 UID-XXXX

3. କ୍ଷତି ଆକଳନ ପ୍ରଣାଳୀ

- କଭର କେବଳ ପ୍ରମୁଖ ଫସଲ ପାଇଁ ଉପଲବ୍ଧ ହେବ
- ବୀମାଭୁକ୍ତ ହୋଇଥିବା ସମୁଦାୟ ରାଶିର ଦେୟ 25% ହେବ ଏବଂ ଏହାପରେ ପଲିସି ବନ୍ଦ ହୋଇଯିବ।
- ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା ନାମାଙ୍କନର ଧାର୍ଯ୍ୟ ତାରିଖର 15 ଦିନ ମଧ୍ୟରେ ସୂଚୀତ କରାଯିବା ଆବଶ୍ୟକ, ଏହା ବ୍ୟତୀତ ଅନ୍ୟ କୌଣସି ଦାବୀ ଅସିଦ୍ଧ ହେବ ଓ କୌଣସି ଦାବୀ ପ୍ରଦାନ କରାଯିବ ନାହିଁ।

ନୋଟ୍ : ବୀମା କମ୍ପାନୀ ରାଜ୍ୟ ସରକାର ବିଜ୍ଞପ୍ତି / ଆଦେଶର 30 ଦିନ ମଧ୍ୟରେ ଦାବୀ ବଣ୍ଟନ କରିବେ। ଏହି କଭର ଅନ୍ତର୍ଗତ ପେଆଉଟ୍ ବୀମା କମ୍ପାନୀ ଦ୍ୱାରା ଚୂଡ଼ାନ୍ତ ସରକାରୀ ରସିଦକୁ ଅପେକ୍ଷା ନକରି ପ୍ରଦାନ କରାଯିବ। ସ୍କିମ୍ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରିମିୟମ ସବ୍‌ସିଡି ଧାର୍ଯ୍ୟ ହେବ।

ଖ. **ଛିଡ଼ା ହୋଇଥିବା ଫସଲ (ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ):** ଅଣ-ପ୍ରତିରୋଧକ ଆପଦ ଯଥା ମରୁଡ଼ି, ଶୁଷ୍କତା ଲାଗି ରହିବା, ବନ୍ୟା, ଜଳପ୍ଲାବନ, ରୋଗ ପୋକ ଆକ୍ରମଣ, ଭୂସ୍ଖଳନ, ପ୍ରାକୃତିକ ଅଗ୍ନିକାଣ୍ଡ ଓ ବଜ୍ରପାତ, ଝଡ଼, କୁଆପଥର ବର୍ଷା, ଘୂର୍ଣ୍ଣି ବଳୟ, ଟାଇଫୁନ୍, ତୋଫାନ ଓ ହରିକେନ ଓ ଟର୍ଣ୍ଣେଡୋ ହେତୁ ଫସଲ ଅମଳଜନିତ ବ୍ୟାପକ କ୍ଷୟକ୍ଷତି ଭରଣା ପାଇଁ ଏହି ବୀମା ପ୍ରଦାନ କରାଯାଇଥାଏ।

1. ବନ୍ୟା, ଦୀର୍ଘ ଶୁଷ୍କତା, ଭୟଙ୍କର ମରୁଡ଼ି ଇତ୍ୟାଦି କ୍ଷେତ୍ରରେ ସ୍ଥାୟୀ ଫସଲ ପାଇଁ ଦାବୀ ଗୁଡ଼ିକ ଋତୁର ମଧ୍ୟ ଭାଗ ପ୍ରତିକୂଳ କାରଣରୁ ଦାବୀ ଗୁଡ଼ିକର ଦେୟ ଉପରେ ପ୍ରଯୁଜ୍ୟ ହେବ ଯେଉଁଠାରେ ଆଶା କରାଯାଉଥିବା ଅମଳ 50% ରୁ କମ୍ ରହିଥିବ।

2. ଯେଉଁ କୃଷକମାନେ ପ୍ରିମିୟମ ପ୍ରଦାନ କରିଛନ୍ତି କିମ୍ବା ଯାହାଙ୍କ ପ୍ରିମିୟମ କ୍ଷତି ପୂର୍ବରୁ ସେମାନଙ୍କ ଆକାଉଣ୍ଟରୁ ଡେବିଟ୍ ହୋଇଛି ସେମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡ ପ୍ରଯୁଜ୍ୟ ହେବ
   ନୋଟ୍: ସାଧାରଣ ଅମଳ ସମୟର 15 ଦିନ ପୂର୍ବରୁ ଯଦି ପ୍ରତିକୂଳ ପରିସ୍ଥିତି ଘଟେ ତେବେ ଏହି ବ୍ୟବସ୍ଥା ଅସିଦ୍ଧ ହୋଇ ପାରିବ ନାହିଁ। ପ୍ରକ୍ସି ସୂଚକ ଉପରେ ଆଧାର କରି କ୍ଷତି ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ରଦ୍ଦ ହୋଇପାରେ।

3. କ୍ଷତି ଆକଳନ ପ୍ରକ୍ରିୟା :

   ମିଳିତ କ୍ଷତି ଆକଳନ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ ଓ ଯଦି ପ୍ରଯୁଜ୍ୟ ହୁଏ ତେବେ ଅନ-ଆକାଉଣ୍ଟ ଦେୟ ନିମ୍ନ ସୂତ୍ର ଅନୁସାରେ ହିସାବ କରାଯାଇଥାଏ।
   (ଅମଳ ସୀମା – ଆକଳିତ ଅମଳ) x ବୀମା ଅର୍ଥ x 25% ଅମଳ ସୀମା

ନୋଟ୍ : ଚୂଡ଼ାନ୍ତ ଦାବୀ ବିପକ୍ଷରେ ସମନ୍ୱୟ ଆଧାରରେ ସର୍ବାଧିକ ଦେୟ ପରିମାଣ ସମ୍ଭାବ୍ୟ ଦାବୀ ଗୁଡ଼ିକ ପାଇଁ 25% ରହିବ।

4. କ୍ଷତି ଆକଳନ ଓ ରିପୋର୍ଟ ଦାଖଲ ପାଇଁ ସମୟ ସୀମା
   କ୍ଷୟକ୍ଷତିର 7 ଦିନ ମଧ୍ୟରେ ସରକାରଙ୍କ ଦ୍ୱାରା କ୍ଷୟକ୍ଷତିର ସବିଶେଷ ପ୍ରଦାନ କରାଯିବ। କ୍ଷୟକ୍ଷତିର 15 ଦିନପରେ କ୍ଷତି ଆକଳନ ସମାପ୍ତ ହେବ। ସ୍କିମ୍ ଗାଇଡଲାଇନ୍ ଅନୁସାରେ ସରକାରୀ ସବ୍‌ସିଡି (ଦ୍ୱିତୀୟ କିସ୍ତି) ର ଅନ୍ତିମ ସେୟାର ପ୍ରାପ୍ତି ପାଇଁ ଅପେକ୍ଷା ନକରି ବୀମା କମ୍ପାନୀ ଦ୍ୱାରା ଅନ୍ୟ  ଆକାଉଣ୍ଟ ପେମେଣ୍ଟ ପ୍ରଦାନ କରାଯିବ।

ଗ. **ଅମଳ ପରବର୍ତ୍ତୀ କ୍ଷତି :** ସେହି ଫସଲ ଗୁଡ଼ିକ ଅମଳରୁ ସର୍ବାଧିକ 2 ସପ୍ତାହ ପର୍ଯ୍ୟନ୍ତ କଭରେଜ୍ ଉପଲବ୍ଧ ହୋଇଥାଏ ଯାହା ବାତ୍ୟା ଓ ବାତ୍ୟାଜନିତ ବର୍ଷା ଏବଂ ଅତିରିକ୍ତ ବର୍ଷା ବିପର୍ଯ୍ୟୟ ଯୋଗୁ ଅମଳ ପରେ କ୍ଷେତରେ ଶୁଖିବାକୁ ଓ କ୍ଷେତରେ ବିସ୍ତାର କରିବାକୁ ରହିଥିବା ଫସଲ ଉପରେ କ୍ଷତି ପହଞ୍ଚାଇଥାଏ।

1. ସାରା ଦେଶରେ ବାତ୍ୟା ଓ ବାତ୍ୟାଜନିତ ବର୍ଷା ଏବଂ ଅତିରିକ୍ତ ବର୍ଷା ହେତୁ କ୍ଷେତରେ କଟା ଏବଂ ଅମଳ ପାଇଁ ରହିଥିବା ଫସଲ 2 ସପ୍ତାହ (14 ଦିନ) ସର୍ବାଧିକ ଅବଧି ପାଇଁ ରହିଥିବା ଉଚିତ୍।

2. ଯୋଗ୍ୟତା ମାନଦଣ୍ଡ : କେବଳ ସେହି କୃଷକ ଯେଉଁମାନେ କ୍ଷୟକ୍ଷତି ପୂର୍ବରୁ, ଅମଳ ହେବାର 14 ଦିନ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଆପଦ ଦ୍ୱାରା କ୍ଷତିଗ୍ରସ୍ତ ହେବା ପୂର୍ବରୁ ସେମାନଙ୍କ ଆକାଉଣ୍ଟରୁ ପ୍ରିମିୟମ ଡେବିଟ୍ ହୋଇଛି / ପ୍ରିମିୟମ ପ୍ରଦାନ କରିଛନ୍ତି ସେମାନେ ଏଥିପାଇଁ ଯୋଗ୍ୟ ହେବେ।

3. କ୍ଷତି ଆକଳନ ପ୍ରକ୍ରିୟା :

କୃଷକମାନେ କ୍ଷତି ହେବାର 72 ଘଣ୍ଟା ମଧ୍ୟରେ ଆମର କଲ୍ ସେଣ୍ଟର ନମ୍ବର 1800 266 0700 କୁ, ଆମର ସ୍ଥାନୀୟ କାର୍ଯ୍ୟାଳୟକୁ, ସଂପୃକ୍ତ ବ୍ୟାଙ୍କ, ସ୍ଥାନୀୟ କୃଷି ବିଭାଗ ଓ ଜିଲ୍ଲା ଅଧିକାରୀଙ୍କୁ ଏ ବିଷୟରେ ସୂଚୀତ କରିପାରିବେ। ତାଙ୍କ ସୂଚନାରେ ସର୍ଭେ ନଂ ଭିତ୍ତିକ ବୀମିତ ଫସଲ ବିବରଣୀ ଓ ପ୍ରଭାବିତ ଏକର ଜମିର ସୂଚନା ପ୍ରଦାନ କରିବା ଆବଶ୍ୟକ।

କୃଷକମାନେ ପରବର୍ତ୍ତୀ ସମୟରେ ଦାବୀ ପୂରଣ ପାଇଁ ଆବଶ୍ୟକୀୟ ସମସ୍ତ ଦସ୍ତାବିଜ୍ ସହିତ ଦାବୀ ଫର୍ମ ପ୍ରଦାନ କରିବା ଆବଶ୍ୟକ।

କ୍ଷତି ଆକଳନକାରୀଙ୍କୁ ନିଯୁକ୍ତ କରାଯିବ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମୂଲ୍ୟାଙ୍କନ ସମାପ୍ତ ହେବ ଯାହା ସ୍କିମର ଗାଇଡଲାଇନ୍ ଅନୁସାରେ ପ୍ରିମିୟମ ଗ୍ରହଣ ଆଧାରରେ କ୍ଷତି ଆକଳନ ରିପୋର୍ଟ ଚୂଡ଼ାନ୍ତ ହେବା ପରେ ଦାବୀ ଗୁଡ଼ିକ ସମାଧାନ ହେବ।

ଘ. **ଆଞ୍ଚଳିକ ବିପର୍ଯ୍ୟୟ :** କୁଆ ପଥର ମାଡ଼/ ଭୂସ୍ଖଳନ, ଜଳ ପ୍ଳାବନ, ବାଦଲ ଫଟା ବର୍ଷା ଓ ପ୍ରାକୃତିକ ଅଗ୍ନିକାଣ୍ଡ କାରଣରୁ ସ୍ଥାନୀୟ ଅଞ୍ଚଳରେ ଥିବା କ୍ଷେତରେ କ୍ଷୟକ୍ଷତି/ କ୍ଷତି ଯେଉଁଥି ପାଇଁ କୃଷକମାନଙ୍କର ଏହି ଦାବୀ ଯୋଗ୍ୟ ବିବେଚିତ ହେବ।

1. ଯଦି କୌଣସି ସ୍ଥାନୀୟ ବିପର୍ଯ୍ୟୟ / ବିପଦ ଯେପରିକି ଭୂସ୍ଖଳନ, କୁଆପଥର ବର୍ଷା, ଜଳ ପ୍ଳାବନ, ବାଦଲ ଫଟା ବର୍ଷା, ବଜ୍ରପାତ ହେତୁ ପ୍ରାକୃତିକ ଅଗ୍ନିକାଣ୍ଡ କାରଣରୁ ବିଜ୍ଞାପିତ ଅଞ୍ଚଳରେ ବା କୃଷକଙ୍କ କ୍ଷେତରେ ଯଦି କ୍ଷୟକ୍ଷତି ଘଟିଥାଏ ତେବେ ଚାଷୀ ଏହି ବିପର୍ଯ୍ୟୟ ପାଇଁ ଦାବୀ କରିବାକୁ ଯୋଗ୍ୟ ହେବେ।

2. ଯୋଗ୍ୟତା ମାନଦଣ୍ଡ :

କେବଳ ସେହି କୃଷକ ଯେଉଁମାନେ କ୍ଷତି ଦାବୀ କରିବା ପୂର୍ବରୁ ନିଜର ପ୍ରିମିୟମ ପ୍ରଦାନ କରିଛନ୍ତି / ସେମାନଙ୍କ ଆକାଉଣ୍ଟରୁ ପ୍ରିମିୟମ ଡେବିଟ୍ ହୋଇଛି।

ନୋଟ୍ : ବୀମାଭୁକ୍ତ ରାଶି ଅନୁସାରେ ବୀମାଭୁକ୍ତ ବିପଦ ଘଟିବା ପର୍ଯ୍ୟନ୍ତ ଇନପୁଟ୍ ମୂଲ୍ୟ ସହିତ ସର୍ବାଧିକ ପେଆଉଟ୍ ଅନୁପାତ ସ୍ଥିର ହେବ।

ଯଦି କ୍ଷେତ୍ର ଆଭିମୁଖ୍ୟ ଅନୁସାରେ (ସିସିଇ ର ତଥ୍ୟ ଆଧାରରେ) ସ୍ଥାନୀୟ କ୍ଷତି ଠାରୁ ଅଧିକ, ସ୍କିମ୍ ଗାଇଡଲାଇନ୍ ଅନୁସାରେ ପ୍ରିମିୟମ ପାଇବା ଅନୁସାରେ ବୀମା ଭୁକ୍ତ କୃଷକଙ୍କୁ ଦୁଇଟି ଦାବୀ ପ୍ରଦାନ କରାଯିବ।

3. କ୍ଷତି ଆକଳନ ପ୍ରକ୍ରିୟା :

କୃଷକମାନେ କ୍ଷତି ହେବାର 72 ଘଣ୍ଟା ମଧ୍ୟରେ ଆମର କଲ୍ ସେଣ୍ଟର ନମ୍ବର 1800 266 0700 କୁ, ଆମର ସ୍ଥାନୀୟ କାର୍ଯ୍ୟାଳୟକୁ, ସଂପୃକ୍ତ ବ୍ୟାଙ୍କ, ସ୍ଥାନୀୟ କୃଷି ବିଭାଗ ଓ ଜିଲ୍ଲା ଅଧିକାରୀଙ୍କୁ ଏ ବିଷୟରେ ସୂଚୀତ କରିପାରିବେ। ତାଙ୍କ ସୂଚନାରେ ସର୍ଭେ ନଂ ଭିତ୍ତିକ ବୀମିତ ଫସଲ ବିବରଣୀ ଓ ପ୍ରଭାବିତ ଏକର ଜମିର ସୂଚନା ପ୍ରଦାନ କରିବା ଆବଶ୍ୟକ।

କୃଷକମାନେ ପରବର୍ତ୍ତୀ ସମୟରେ ଦାବୀ ପୂରଣ ପାଇଁ ଆବଶ୍ୟକୀୟ ସମସ୍ତ ଦସ୍ତାବିଜ୍ ସହିତ ଦାବୀ ଫର୍ମ ପ୍ରଦାନ କରିବା ଆବଶ୍ୟକ।

କ୍ଷତି ଆକଳନକାରୀଙ୍କୁ ନିଯୁକ୍ତ କରାଯିବ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମୂଲ୍ୟାଙ୍କନ ସମାପ୍ତ ହେବ ପ୍ରିମିୟମ ଗ୍ରହଣ ଆଧାରରେ କ୍ଷତି ଆକଳନ ରିପୋର୍ଟ ଚୂଡ଼ାନ୍ତ ହେବା ପରେ ଦାବୀ ଗୁଡ଼ିକ ସମାଧାନ ହେବ।

**ନୋଟ୍ : ଯୁଦ୍ଧ ଏବଂ ଆଣବିକ ବିପଦ, କ୍ଷତିକାରକ କ୍ଷତି ଏବଂ ଅନ୍ୟାନ୍ୟ ପ୍ରତିରୋଧକ ବିପଦରୁ ଉତ୍ପନ୍ନ କ୍ଷତିଗୁଡ଼ିକୁ ବାଦ ଦିଆଯିବ।**

ଦାବୀ ଫର୍ମ ଡାଉନଲୋଡ୍ କରନ୍ତୁ : - https://www.hdfcergo.com/documents/downloads/Claim%20Form%20-%20English.pdf https://wwwf1.hdfcergo.com/documents/downloads/Claim%20Form%20-%20English.pdf

**ଗୁରୁତ୍ୱପୂର୍ଣ୍ଣ ସୂଚନା :**

ଉପରୋକ୍ତ ଘଟଣା ଗୁଡ଼ିକରୁ ଉତ୍ପନ୍ନ କୌଣସି କ୍ଷତି ପାଇଁ କୃଷକ ଆମ କମ୍ପାନୀ ସହିତ ଯୋଗାଯୋଗ କରିବା ଉଚିତ୍ ଓ ଘଟଣାର 72 ଘଣ୍ଟା ମଧ୍ୟରେ କ୍ଷୟକ୍ଷତିର ବିବରଣୀ ସହିତ ସର୍ଭେ ନଂ ଅନୁଯାୟୀ ବୀମା ଭୁକ୍ତ ଫସଲ ଏବଂ କେତେ ଏକର ପ୍ରଭାବିତ ଓ ବ୍ୟାଙ୍କକୁ ଦେଇଥିବା ପ୍ରିମିୟମ ଦେୟ ଯାଞ୍ଚ ବିବରଣୀ ସହିତ ମଧ୍ୟସ୍ଥି/ ସିଏସସି ସେଣ୍ଟର ରେ ପ୍ରଦାନ କରିବା ଆବଶ୍ୟକ।

ସ୍ଥାନୀୟ ଖବର କାଗଜର କଟା ଅଂଶ ଓ ଘଟଣାଜନିତ କ୍ଷୟକ୍ଷତିର ବିବରଣୀମୂଳକ ଉପଲବ୍ଧ ପ୍ରମାଣ ଏବଂ କ୍ଷୟକ୍ଷତିର ଗୁରୁତ୍ୱ ସମ୍ବଳିତ ପ୍ରମାଣ ଯଦି ଥାଏ ତାହାକୁ ପ୍ରଯୁଜ୍ୟ ଭାବରେ ପ୍ରଦାନ କରାଯିବା ଉଚିତ୍।

1. କୃଷକମାନେ ଆମ ପାଖରେ ପହଞ୍ଚିବା ପାଇଁ 1800 266 0700 ରେ ଯୋଗାଯୋଗ କରିପାରିବେ ଓ କ୍ଷତି ଘଟିବା ମାତ୍ରେ ଅପଡେଟ୍ କରାଇ ପାରିବେ।

2. କୃଷକମାନେ ଜିଲ୍ଲା କୃଷି କାର୍ଯ୍ୟାଳୟ ନିକଟରେ ପହଞ୍ଚି ପାରିବେ ଏବଂ ଆମ ପ୍ରତିନିଧି ଡିଏଓ କାର୍ଯ୍ୟାଳୟକୁ ସୂଚୀତ କରିପାରିବେ।

3. କୃଷକମାନେ ମଧ୍ୟ ସଂପୃକ୍ତ ବ୍ୟାଙ୍କ ପାଖରେ ପହଞ୍ଚି ପାରିବେ।

HDFC ERGO General Insurance Company Limited. IRDAI Reg. No.146. CIN: U66030MH2007PLC177117. Registered & Corporate Office: 1st Floor, HDFC House, 165-166 Backbay Reclamation, H. T. Parekh Marg, Churchgate, Mumbai – 400 020. For more details on the risk factors, terms and conditions, please read the sales brochure/ prospectus before concluding the sale. Trade Logo displayed above belongs to HDFC Ltd and ERGO International AG and used by the Company under license. UIN: CSC - Pradhan Mantri Fasal Bima Yojana - HDE-AG-P18-25-V01-17-18, Pradhan Mantri Fasal Bima Yojana- IRDAN125P0003V01201617 UID-XXXX